ନାରୀ

ଡ. ସୁରେଶ ଚନ୍ଦ୍ର ବରାଡ଼

Digitized by PPRACHIN, SOA

ନାରୀ

ଡ.ସୁରେଶ ଚନ୍ଦ୍ର ବରାଡ଼

Digitized by PPRACHIN, SOA

ନାରୀ

ନାରୀ

ରଚନା

ଡଃ ସୁରେଶ ଚନ୍ଦ୍ର ବରାଡ଼

ଗ୍ରା/ପୋ:ହରିହରପୁର, ଭାୟା:ଶରଣକୁଳ,

ଜିଲ୍ଲା:ନୟାଗଡ଼

ଓଡ଼ିଶା, ପିନ୍:୭୫୨୦୮୦

ଦୂରଭାଷ:୯୪୩୭୯୫୮୦୭୭

ପ୍ରକାଶକ :

ଗୁରୁକୁଳ ପବ୍ଲିସିଙ୍ଗ ହାଉସ

ଶରଣକୁଳ, ଜିଲ୍ଲା:ନୟାଗଡ଼

ଓଡ଼ିଶା, ପିନ୍:୭୫୨୦୮୦

ଦୂରଭାଷ:୯୪୩୭୯୫୮୦୭୭

ମୁଦ୍ରଣ, ପ୍ରଚ୍ଛଦ ଓ ପରିପାଟୀ

ଜଗନ୍ନାଥ ପ୍ରିଣ୍ଟିଙ୍ଗ୍ ପ୍ରେସ୍

ଶରଣକୁଳ, ନୟାଗଡ଼

ମୋ-୯୮୫୩୨୫୨୮୪୩,

ପ୍ରଥମ ପ୍ରକାଶ:

୨୦୨୩ ମସିହା

ଛପା ସଂଖ୍ୟା:

୧୦୦୦

ମୂଲ୍ୟ:

ଟ.୫୦.୦୦

(ପଚାଶ ଟଙ୍କା ମାତ୍ର)

©ଲେଖକଙ୍କ ଦ୍ୱାରା ସର୍ବସତ୍ତ୍ୱ ସଂରକ୍ଷିତ

NARI

Writer:

Dr.Suresh Chandra Barad

AT/PO:Hariharpur,Via:Sarankul

DIST:Nayagarh,

ODISHA, 752080

Mob: 9437958077

Publisher:

Gurukula Publishing House

Sarankul, DIST:Nayagarh,

ODISHA, 752080

Mob: 9437958077

Printing, Cover Design:

Jagannath Printing Press

Sarankul, Nayagarh

Mob: 9853252843

1ST EDITION:

Year 2023

Copy:

1000

Price:

Rs.50/-

(Fifty Rupees only)

©*All Rights Reserved by the Writer*

ISBN :9789394422124

©

Digitized by PPRACHIN, SOA

ପ୍ରାକ୍ କଥନ

ଜନ୍ମରୁ ଦେଖିଛି ମାଆକୁ । ଘର ସମ୍ଭାଳିବା ବେଳେ ଦେଖିଛି ତାର ବିଭିନ୍ନ ରୂପ । ତେବେ ଯେଉଁ ନାରୀକୁ ପୂର୍ବରୁ ମାଆ, ଭଗ୍ନୀ, ସାଙ୍ଗର ସ୍ୱରୂପରେ ଦେଖିଥିଲି ତାକୁ ପତ୍ନୀ ରୂପେ ପାଇ ତା'ର ଅନ୍ୟ ଏକ ରୂପ ଅନୁଭବରେ ନେଇଥିଲି । ପରେ ପରେ ଅନ୍ତରଙ୍ଗତା ସହ ସେଇଠି ଗୋଟିଏ ନାରୀ ଠାରେ ଦେଖିଥିଲି ପତ୍ନୀର ସମର୍ପଣ(ସା ଭାର୍ଯ୍ୟା ଯା ପ୍ରାଣ ବଲ୍ଲଭା), ବୋହୁର ଶାଶୁ ଶ୍ୱଶୁର ସେବା, ନର୍ସ ରୂପେ ରୋଗ ବୈରାଗ ସମୟରେ ପରିବାରର ସମସ୍ତଙ୍କର ଯତ୍ନ, ପୂଜକ ରୂପ ଗୃହ ଦେବତାଙ୍କ ପୂଜା, ଘରର ରୋଷେଇ, ଘର ଓଳା, ଘରର ବ୍ୟାଙ୍କ, ମନ୍ତ୍ରୀ ରୂପେ ମନ୍ତ୍ରଣା, ବନ୍ଧୁରୁପେ ସାହସ ଓ ଧୈର୍ଯ୍ୟ ଦେବା, ଇତ୍ୟାଦି । ନିଜେ ନ ଖାଇ ଅନ୍ୟ ମାନଙ୍କୁ ଖୁଆଇବାର ଇଚ୍ଛା, ପିଲା ଓ ସ୍ୱାମୀଙ୍କର ସମ୍ପନ୍ନତା ପାଇଁ ଓଷାବ୍ରତ କରିବା, ବଳ ପାଉ ନ ଥିଲେ ବି, ଦେହରେ ଜର ଥିଲେବି, ମୁଣ୍ଡ ବିନ୍ଧୁ ଥିଲେ ବି ସମସ୍ତଙ୍କର ଇଚ୍ଛାକୁ ପୂରଣ କରିବା ଦେଖି ମ୍ରିୟମାଣ ହେଉଥିଲେ ବି କେବେ ସାହାଯ୍ୟ ତ କରିନି କିନ୍ତୁ ପ୍ରକାଶ କରି ନ ପାରିଲେ ବି ସେହି ନାରୀଟିର ଏ ଅବସ୍ଥା ଦେଖି ମନେ ମନେ ସମବେଦନା ଜଣାଇଛି । ତେବେ ଏବେ ତାକୁ ଶବ୍ଦରେ ଧରିବାର ସାମର୍ଥ୍ୟ ଭଗବାନ ଦେବା ପରେ ସେ ଭାବନା ନେଇଛି ପୁସ୍ତକ ରୂପ । ମୋ ଅନ୍ତଚେତନାରେ ତାଙ୍କ ପ୍ରତି ଥିବା ମୋ ଦରଦୀ ହୃଦୟର ଆବେଗକୁ ଏଥିରେ କେତିକି ପ୍ରକାଶକୁ ଅଣାଯାଇ ପାରିଛି ତାହା କହିବାକୁ ପାଠକଙ୍କ ହାତରେ ଛାଡ଼ିଦେଉଛି ।

Digitized by PPRACHIN, SOA

ଗୁରୁଦେବଙ୍କ ଶ୍ରୀମୁଖରୁ......

ଜଣେ ସମାଜସେବୀ ରୂପେ କୈଶୋରାବସ୍ଥାରୁ ଅଦ୍ୟାବଧି କର୍ମତତ୍ପର ରହି ଉତ୍ସର୍ଗୀକୃତ ମାସିକତାରେ କାର୍ଯ୍ୟ କରି ଆସୁଥିବା ତଥା ମଣିଷକୁ ନିବିଡ଼ଭାବେ ଭଲ ପାଉଥିବା ମୋ ପ୍ରିୟ ଶିଷ୍ୟ ଡ.ସୁରେଶ ଚନ୍ଦ୍ର ବରାଡ଼ଙ୍କ ଦ୍ୱାରା ସର୍ଜିତ କବିତା ଗୁଚ୍ଛ "ନାରୀ" ସମାଜଗଠନରେ ମୁଖ୍ୟ ଭୂମିକା ନିର୍ବାହ କରୁଥିବା ଅଥଚ ଅହରହ ଯନ୍ତ୍ରଣା କ୍ଳିଷ୍ଟ ଜୀବନ ବିତେଉଥିବା କନ୍ୟା, ପତ୍ନୀ, ମାତା ଆଦି ଚରିତ୍ରରେ ଅଭିନୟ କରୁଥିବା ନାରୀମାନଙ୍କ ଯନ୍ତ୍ରଣାକୁ ପାଠକ ମନ ଭିତରେ ପହଞ୍ଚାଇ ସେମାନଙ୍କର ସୁରକ୍ଷା ପାଇଁ କ୍ଷିଣ ସଚେତନା ସୃଷ୍ଟି କ୍ଷେତ୍ରରେ ଏକ ଅଭିନବ ପ୍ରୟାସ । ତାଙ୍କର ସାରସ୍ୱତ କ୍ଷେତ୍ର ଅଧିକ ସୁରଭିତ ହେବା ସଂଗେ ସଂଗେ ସାଧନ ଉତ୍କର୍ଷ ଲାଭକରୁ ।

ଡ.ଗୋବିନ୍ଦ ଚନ୍ଦ୍ର ଦାଶ
ପ୍ରାକ୍ତନ ପ୍ରାଧ୍ୟାପକ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ନୟାଗଡ଼ ସ୍ୱୟଂଚାଳିତ ମହାବିଦ୍ୟାଳୟ, ନୟାଗଡ଼

ଅଭିମତ

ସାନ ଭାଇ ଡ.ସୁରେଶ ଚନ୍ଦ୍ର ବରାଡ଼ଙ୍କ ଦ୍ୱାରା ଲିଖିତ ପୁସ୍ତକ "ନାରୀ" ପଢ଼ି ଅତ୍ୟନ୍ତ ଖୁସି ହେଲି । ଡ.ବରାଡ଼ଙ୍କୁ ଛାତ୍ରାବସ୍ଥାରୁ ଜଣେ ସମାଜସେବୀ ରୂପରେ ଦେଖିଛି । ପୁରୁଷ ପ୍ରଧାନ ସମାଜରେ ନାରୀମାନଙ୍କର ଭୂମିକାକୁ ନେଇ ସେ ଯେ ଏତେ ପ୍ରଗଳ୍ଭ ତାହା ତାଙ୍କର ମାନସ କନ୍ୟା ଏ କବିତା ପୁସ୍ତକରୁ ଜାଣିବାକୁ ପାଇଲି । ମୁଁ ତାଙ୍କର ସାରସ୍ୱତ ଉନ୍ନତି କାମନା କରୁଛି ।

ସତ୍ୟନାରାୟଣ ମିଶ୍ର
ବରିଷ୍ଠ ସାମ୍ବାଦିକ
ସଭାପତି, ଲଡୁବାବା ସାହିତ୍ୟ ସଂସ୍କୃତି ପରିଷଦ, ଶରଣକୁଳ

Digitized by PPRACHIN, SOA

ବ୍ୟଥାରୁ ମାଆର କଥା....

ଯାହାକୁ ଶୈଶବରେ ପିତାଙ୍କର ଅଭୟ ସୁରକ୍ଷା, ଯୌବନରେ ଭରଣ ପୋଷଣ ତଥା ସ୍ନେହ ମମତା ପ୍ରୀତି ପ୍ରଣୟର ଖୋରାକ ମିଳେ ସ୍ୱାମୀ ଠାରୁ ଏବଂ ବାର୍ଦ୍ଧକ୍ୟରେ ସେବା ଶୁଶ୍ରୁଷା ଓ ହେପାଜତ ମିଳିଥାଏ ପୁତ୍ର କନ୍ୟାଙ୍କ ଠାରୁ ସେ ହିଁ ନାରୀ । ତାହାର କେହି ଅରି ନ ଥିବାରୁ ବୋଧହୁଏ ସେ ନାରୀ । ନାରୀ ବନ୍ଦନା ଭାରତ ବର୍ଷରେ ଯେଉଁ ଭାବଭକ୍ତିରେ କରାଯାଏ ତାହା ଅନ୍ୟତ୍ର ବିରଳ । ସେଇଥି ପାଇଁ କୁହାଯାଇଛି- 'ଯତ୍ର ନାର୍ଯ୍ୟେସ୍ତୁ ପୂଜ୍ୟନ୍ତେ ତତ୍ର ରମ୍ୟନ୍ତେ ଦେବତା ।' କେବଳ ମାନବ ଶିଶୁ ନୁହେଁ କୀଟପତଙ୍ଗ ତରୁ ତୃଣକୁ ଓ ଇତର ପ୍ରାଣୀମାନଙ୍କୁ ଯେ ନିସ୍ୱାର୍ଥପର ଭାବରେ ହୃଦୟରେ ଗ୍ରହଣ କରି ସବୁରି ଭାବାଭାବକୁ ମନ୍ଥନ କରି କେବଳ ଅହରହ ଦେଇ ଚାଲିଥାଏ ସେଥିରେ ନାରୀର ନାରୀତ୍ୱ ସାକାର ରୂପାୟନ ହୋଇଥାଏ । ଏହିପରି ଦେଖିବାକୁ ଗଲେ ବିଭିନ୍ନ କବିତା ପଂକ୍ତିରେ କଲମ ମୁନରେ ଭାଷାର ଯାଦୁକରୀ ମାଧ୍ୟମରେ ଗ୍ରନ୍ଥାକାର ଡ.ସୁରେଶ ଚନ୍ଦ୍ର ବରାଡ଼ ନାରୀ ବର୍ଣ୍ଣନାର ମାଧୁର୍ଯ୍ୟ ବେଶ ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ଭାବୋଦ୍ଦୀପକ । ଯୁଗଯନ୍ତ୍ରଣାକୁ ରୂପାୟିତ କରିବାକୁ ଯାଇ ନାରୀର ଚରିତ୍ର ସ୍ତର ସ୍ତର ଦେଇ ଭୂମିକାକୁ ଗୁରୁତ୍ୱ ଦେଇ କବି ଡ.ବରାଡ଼ ମହୋଦୟ ପଥହୁଡ଼ା ଉଦ୍ଭ୍ରାନ୍ତ ସମାଜକୁ ବୌଦ୍ଧିକତା ପ୍ରଦାନ କରିଛନ୍ତି । ବାସ୍ତବରେ କବିଙ୍କର ଅନ୍ତଃସ୍ୱର ଜଣେ ଭାବଗ୍ରାହୀ ପାଠକ ପାଠିକା ପାଇଁ ମହାର୍ଘ୍ୟ ଅଟେ । ଯଦି ଏହାକୁ ଉପଜୀବ୍ୟ କରାଯାଇ ସମାଜ ସଂସ୍କାରରେ ସମାଜ ସଚେତନତାରେ ପ୍ରୟୋଗ କରାଯାଇ ପାରିବ ତେବେ ମୁଁ ଆତ୍ମୋପଲବ୍ଧି କରି ପାରିବି ଯେ ମୁଁ କବିଙ୍କୁ ବୁଝି ପାରିଛି ଓ କବିଙ୍କ କବିତାକୁ ଧାରେ ଧାରି ପାରିଛି, ତାହା ହିଁ ହୋଇ ପାରିବ ଯଥାର୍ଥ ନାରୀ ପୂଜା ବା ମାତୃ ବନ୍ଦନା ।

କବି କଲ୍ଲୋଳ ଗୋଦାବରୀ ବସନ୍ତିଆ

ମନକଥା ମୁନରୁ.......

ନାରୀ-ନ ଅରୀ । ସେ ମନ୍ଦରୀତିର ବିପରୀତ ମାର୍ଗୀ । ସେବା, ତ୍ୟାଗ, ସ୍ନେହ, ମମତାର ମହକିତ ମନ୍ଦାକିନୀ ସେ । ଦେବୀ ଏବଂ ଦୈବୀଶକ୍ତିର ମୂର୍ତ୍ତିମନ୍ତ ପ୍ରତୀକ । ଶକ୍ତି ସ୍ୱରୂପିଣୀ । ସେ ସୀତା, ସାବିତ୍ରୀ, ଗାୟତ୍ରୀ, ପାର୍ବତୀ, ଦୁର୍ଗା, ଦୁର୍ଗତିନାଶିନୀ ।ସେ ପୁଣି ସୃଷ୍ଟି ସ୍ୱରୂପା ମଙ୍ଗଳମୟୀ ମା ମଙ୍ଗଳା । ମୃତ୍ୟୁ ଲୋକରେ ମର୍ତ୍ତ୍ୟ ବୈକୁଣ୍ଠ ସର୍ଜନାରେ ସେ ସମ୍ଭାବନାର ମୟୂଖ । ସେ ମାଆ ରୂପରେ ମଙ୍ଗଳ କାରିଣୀ, ଭଗିନୀ ରୂପରେ ସ୍ନେହ ପ୍ରଦାୟିନୀ, ପତ୍ନୀ ରୂପରେ ପ୍ରୀତି ପ୍ରଦାୟିନୀ ।

ନାରୀର ମହନୀୟ ମହାନତାରେ ମହକିତ ଅଗ୍ରଜ ପ୍ରତିମ କବିତିଳକ ଡ.ସୁରେଶ ଚନ୍ଦ୍ର ବରାଡ଼ 'ନାରୀ' କବିତା ସଂକଳନର ପାଣ୍ଡୁଲିପି ପାଠକଲା ପରେ ହୃଦ୍‌ବୋଧ ହେଲା ଯେ ଭାଇନା ହେଉଛନ୍ତି ନାରୀ ମନର ବିଶ୍ୱସ୍ତ ରୂପକାର । ନାରୀ ଜୀବନର ସରଳତା, ନିଷ୍କପଟତା, ପଟୁତା ଓ ତ୍ୟାଗ ଆଦର୍ଶକୁ ଅତି ନିକଟରୁ ପରଖିପାରିଛନ୍ତି ବୋଲି ମର୍ମେମର୍ମେ ଅନୁଭବ କଲି । ତାଙ୍କର ଏହି ସାରସ୍ୱତ ପ୍ରସୂନଟି ମାତୃଜାତିକୁ ଏକ ଅମୂଲ୍ୟ ଉପହାର ନିଶ୍ଚୟ ।

ସୁଧୀ ପାଠକେ କବିତା ସଂକଳନଟିକୁ ସହୃଦୟତାର ସହ ଗ୍ରହଣ କରିବେ ନିଶ୍ଚୟ । ମହାପ୍ରଭୁ ଜଗନ୍ନାଥଙ୍କ ଅପାର କୃପାଲାଭ କରି ତାଙ୍କର ସାଧନାରେ ସିଦ୍ଧିଲାଭ କରନ୍ତୁ ଏହା ହିଁ କାମନା କରେ ।

କବି କୁସୁମ ନିରାକାର ସ୍ୱାଇଁ

Digitized by PPRACHIN, SOA

ମତାମତ

ସାମାଜିକ କର୍ମୀ ଡଃ ସୁରେଶ ଚନ୍ଦ୍ର ବରାଡ଼ଙ୍କ ଦ୍ୱାରା ଲିଖିତ ପୁସ୍ତକ 'ନାରୀ' ଶବ୍ଦଟି ସୃଷ୍ଟିର ଶ୍ରେଷ୍ଠତମ ଶବ୍ଦ, ମୁଁ ବା କିଏ ଏହି ପୁସ୍ତକରେ ସ୍ଥାନ ପାଇବା ପାଇଁ । ମୋ ଜୀବନ ଉପରେ ଆଧରିତ କବିତାର ଚମତ୍କାର ସତେ ଯେମିତି ମୋତେ ସାହାସିକ ପୁରସ୍କାର ପୁନର୍ବାର ପ୍ରାପ୍ୟ ହୋଇଛି । ଆଶା କରେ ଆପଣ ମାନଙ୍କ ହୃଦୟକୁ ନିଶ୍ଚୟ ଛୁଇଁବ ଡଃ ବରାଡ଼ଙ୍କର ଏହି ସୁନ୍ଦର କବିତା ପୁସ୍ତକଟି ।

ସୁଶ୍ରୀ ଲିଙ୍କନ ସୁବୁଦ୍ଧି,
ପ୍ରତିଷ୍ଠାତା, ସେବା ପ୍ରୟାସ ଫାଉଣ୍ଡେସନ ।

ଅଭିମତ

ସାମାଜିକ କର୍ମୀ ଡ.ସୁରେଶ ଚନ୍ଦ୍ର ବରାଡ଼ଙ୍କ ଦ୍ୱାରା ଲିଖିତ **"ନାରୀ"** ପୁସ୍ତକ ପାଠକଲା ପରେ ମୋର ଅନ୍ତରେ ଭରିଗଲା ବେଦନାକ୍ତ ଭାବନାର ଅଛିଣ୍ଡା ଅଡୁଆ ଗଣିତ । ଡ.ବରାଡ଼ଙ୍କ ରଚିତ ସମାଜ ସଚେତନତା ମୂଳକ କବିତା ଗୁଡ଼ିକ ସମାଜରେ ନାରୀ ସୁରକ୍ଷା ସପକ୍ଷରେ ଏକ ଆନ୍ଦୋଳନ ନିମନ୍ତେ ଆହ୍ୱାନ ପ୍ରଦାନ କରିପାରିବ ବୋଲି ମୋର ଆଶା ଓ ବିଶ୍ୱାସ । ମୁଁ ତାଙ୍କର ସାରସ୍ୱତ ସାଧନା କ୍ଷେତ୍ରରେ ଉତ୍ତୋରତ୍ତର ଉନ୍ନତି କାମନା କରୁଛି ।

(ଅର୍ଚ୍ଚନା ଗମାଙ୍ଗ)
ବନାଞ୍ଚଳ ଅଧିକାରିଣୀ, ପଞ୍ଚିରିଡ଼ା ବନାଞ୍ଚଳ

Digitized by PPRACHIN, SOA

ସୂଚୀପତ୍ର

କ୍ର.ସଂ. ନାମ	ପୃଷ୍ଠା
୧.ସଂସାରେ ଅନନ୍ୟା	୦୯
୨.ନାରୀ ବିନା	୧୧
୩.ଭାଗ୍ୟବାନ ବାପା	୧୩
୪.କନ୍ୟା	୧୫
୫.ଜଗତର ସେ ଆଧାର	୧୭
୬.ତୁହି ତ ଅପରାଜିତା	୧୯
୭.ହୁଅ ମା' ଅବତରିତ	୨୧
୮.ମା	୨୩
୯.ଅର୍ଦ୍ଧାଙ୍ଗିନୀ	୨୫
୧୦.ଝିଅରୁ ବୋହୂ	୨୮
୧୧.ବୀର ରାଣୀ ପ୍ରଭାବତୀ	୩୦
୧୨.ରାଣୀ ଶୁକଦେଈ	୩୫
୧୩.କନ୍ୟାରତ୍ନ ସୁରକ୍ଷାରେ ଲିଙ୍କନ	୪୨
୧୪.ବାଲ୍ୟବିବାହକୁ ନା	୫୨
୧୫.ଝିଅକୁ ହେଲେ ଅଠର	୫୫
୧୬.ଭ୍ରୁଣ ହତ୍ୟା ମହାପାପ	୫୭
୧୭.ମହିଳା	୫୯
୧୮. ତାରାଟିର ନାମ ଲକ୍ଷ୍ମୀ ପ୍ରିୟା	୬୧

Digitized by PPRACHIN, SOA

ମୋ ପରିବାର

ମୋ ମାତା ମୋ ପତ୍ନୀ
ମୋ କନ୍ୟା ମୋ ପିତା
ମୋ ପୁତ୍ର ଭଗିନୀ ଦୁଇ,
ମୋ ସାଥେ ରହି ମୋ
ପ୍ରଗତିର୍ ପଥ
ପ୍ରଶସ୍ତ ଦ୍ୟନ୍ତି କରାଇ ।

ସ୍ନେହ ପ୍ରେମ ପ୍ରୀତି
ସଦିଚ୍ଛା ତାଙ୍କର୍
ମୋ ସାରସ୍ୱତ ଜୀବନେ,
ଭରିଛି ସୌରଭ୍
ତାଙ୍କ ହସ୍ତେ 'ନାରୀ'
ଅର୍ପୁଛି ଆନନ୍ଦ ମନେ ।

Digitized by PPRACHIN, SOA



ସଂସାରେ ଅନନ୍ୟା

ନାରୀ ତୁହି ଧନ୍ୟା
ସଂସାରେ ଅନନ୍ୟା
ପ୍ରଶଂସାର୍ହ ସହ୍ୟ ଶକ୍ତି,
ମୋହିନୀ ଶକ୍ତିରେ
ରଖିଅଛୁ ବାନ୍ଧି
ଧରି ବିଭିନ୍ନ ମୂରତି ।
ଝିଅ ରୂପନେଇ
ଭରୁ ପିତାମାତା
ହୃଦେ ପ୍ରେମ ଫଲ୍ଗୁ ଧାରା,
ପତ୍ନୀ ରୂପେ ପତି
ଜୀବନକୁ ଭରୁ
ରହିଥାଏ ଯା' ଅଧୂରା ।
ମାଆ ରୂପଧରି
ଛାତିରୁ ନିଗାଡ଼ି
ଅମୃତ ପେଇ ସନ୍ତାନେ,
ବଞ୍ଚାଇ ବଢ଼ାଉ
ବାତ୍ସଲ୍ୟ ମମତା
ଢାଳି ତାହାର ଜୀବନେ ।
ସର୍ବସହା ନିଜ
ଜୀବନକୁ ଜାଳି

Digitized by PPRACHIN, SOA



ଅନ୍ୟ ଜୀବନୁ ଅନ୍ଧାର,

ଧରିତ୍ରୀ ପରାଏ

ବିଚଳିତ ନୋହି

କରୁଅଛୁ ତୁହି ଦୂର ।

ନନ୍ଦିନୀ ଜନନୀ

ପ୍ରିୟା ଅର୍ଦ୍ଧାଙ୍ଗିନୀ

ମାତା ମାତାମହୀ ହୋଇ,

ମନୁଷ୍ୟ ଜୀବନ

କରାଉ ସାର୍ଥକ

ଭବ ସଚଳ ତୋପାଇଁ ।

Digitized by PPRACHIN, SOA

ନାରୀ ବିନା

ନାରୀ ବିନା ଏହି

ସଂସାର ଅଧୂରା

ଅନ୍ୟ ପାର୍ଶ୍ୱ ସେ ମୁଦ୍ରାର,

ତାକୁ ଛାଡ଼ି ଘର

ପରିବାର କଥା

ଭାବେ ଯେ ସେ ଦୁଃଖୀ ନର ।

ବାପଘରୁ ତାକୁ

ମିଳେନାହିଁ ଭାଗ

ମିଳେନା ଶ୍ୱଶୁର ଘରୁ,

ଜୀବନ ତାହାର

ସରିଯାଏ ଧିରେ

ଅନ୍ୟ ସେବା କରୁ କରୁ ।

ନିଜର ସଭିଙ୍କୁ

କରିବା ଚେଷ୍ଟାରେ

ପଡ଼େ ଅଭାବ ଜୀବନ,

ଦେଖାଯାଏ ସିଏ

ସବୁରି ନିଜର

ସ୍ୱାର୍ଥ ଆଗେ ଦିଶେ ଦୀନ ।

ଯାହାର ସ୍ୱପ୍ନକୁ

ସଜାଡୁ ସଜାଡୁ

Digitized by PPRACHIN, SOA

ଜୀବନ ସରେ ତାହାର,

ସ୍ୱପ୍ନକୁ ତାହାର

ସେଇମାନେ ଭାଙ୍ଗି

କରିଥାନ୍ତି ଛାରଖାର ।

ସପନ ସଭିଙ୍କୁ

ଦେଖାଉ ଦେଖାଉ

ରାତି ତା'ର ସରିଯାଏ,

ଗହଳ ନିଦରେ

ଶୋଇବାକୁ ତା'ରେ

ସମୟ ମିଳି ନ ଥାଏ ।

Digitized by PPRACHIN, SOA

ଭାଗ୍ୟବାନ ବାପା

ଝିଅଟିଏ ଘରେ
ଜନମ ଲଭିଲେ
ବାପ ହୁଏ ଭାଗ୍ୟବାନ,
ଧନ ସମ୍ପତ୍ତିରେ
ଭରଇ ଅମାର
କହିଛନ୍ତି ଜ୍ଞାନୀ ଗଣ ।
ବାପାଙ୍କର ଆଖି
ପିତୁଳା ହୁଏ ସେ
ମାତାର ନୟନ ମଣି,
ଅଳି ଅରଦଳି
ଭାଇଏ ପୁରାନ୍ତି
ମନକଥା ତା'ର ଜାଣି ।
ଯୌବନ ଲାଗିଲେ
କେତେ ସ୍ୱପ୍ନ ଦେଖେ
ହାଓ୍ୱାରେ ଗଢ଼େ ମହଲ,
ପିତାମାତା ଭାଇ
ପଛେ ରହିଯା'ନ୍ତି
ନିଜେ ଚିନ୍ତେ ନିଜ ଭଲ ।
ରାଣୀହେବା ସ୍ୱପ୍ନ
ଦେଖାଇ ତାହାକୁ

Digitized by PPRACHIN, SOA

ମନର ରାଜକୁମାର,
ନିଅଇ ମହଲେ
ସ୍ୱପ୍ନ ହୁଏ ସତ
କେତେ ରୁହେ ବାକି ତା'ର ।
ସ୍ୱପ୍ନରେ ବଞ୍ଚିବା
ସ୍ୱପ୍ନ ଦେଖେ ସିନା
କିଛି କ୍ଷଣ ପାଇଁ ସିଏ,
ବାସ୍ତବତାଟାକୁ
ଦ୍ୱିଧାହୀନ ଭାବେ
ଆପଣାର କରିନିଏ ।

Digitized by PPRACHIN, SOA

କନ୍ୟା

ନାରୀ ଯେବେ ତୁହି
କନ୍ୟା ରୂପ ଧରୁ
ଚହଲାଉ ପିତା ମନ,
ଖିଲିଖିଲି ହସେ
ବୁଡ଼ାଉ କେବେତ
ଭସାଉ କରି କ୍ରନ୍ଦନ ।
ପିତା ହୃଦୟକୁ
କଳାଜାଦୁ କରି
ଉଠବସ ତୁ କରାଉ,
ମାତା ମନ ମଧ୍ୟେ
ପ୍ରତ୍ୟେକ କ୍ଷଣରେ
ଡରଭୟ ଭରି ଦେଉ ।
ସଂସାର ନିୟମ
ବିଚିତ୍ର କିପରି
ବୟସ ବଢ଼ିବା ସହ,
ପିତାମାତା ପାଇଁ
ହୃଦୟ ଟୁକୁଡ଼ା
ସ୍ଥିତି ହୁଏ ଦୁର୍ବିସହ ।
ପରଘରକୁ ତା'
ନିଜଘର କହି

Digitized by PPRACHIN, SOA

ବ୍ୟଗ୍ରେ ଦିଅନ୍ତି ପଠେଇ,

ଅଜଣା ଲୋକଙ୍କୁ

ନିଜର କରିକି

ଜୀବନ ବଞ୍ଚିବା ପାଇଁ ।

କା’ ଶଗଡ଼ ଠିକ

ଗୁଳାରେ ଚାଲଇ

କା’ର ଅଣଗୁଳା ହୁଏ,

ଯା’ଶଗଡ଼ ଠିକ

ଗୁଳାରେ ଚାଲେ ସେ

ଗୀତ ପଦେ ପଦେ ଗାଏ ।

Digitized by PPRACHIN, SOA

ଜଗତର ସେ ଆଧାର

କଳ୍ପନାତୀତ ଏ
ସୃଷ୍ଟି ନାରୀ ବିନା
ଜଗତର ସେ ଆଧାର,
ସୃଷ୍ଟିର ସମ୍ଭାର
ଶୋଭାର ଆକର
ଆସର ସେ ବି ଭୋଗର ।
ସଂସାର ଉନ୍ମେଷ
ତାହାଠାରୁ ହୋଇ
ବିଲୟ ତା ପାଶେ ହୁଏ,
ଚରାଚର ସୃଷ୍ଟି
ତାହାରି କରୁଣା
ତାକୁ ବା ବୁଝିବ କିଏ ।
ବ୍ରାହ୍ମଣୀ ରୂଦ୍ରାଣୀ
ସିଏ ନାରାୟଣୀ
ସର୍ଜନ ପାଳନ କରେ,
ଆବଶ୍ୟକ ହେଲେ
ବୁଢ଼ିଆଣୀ ପରି
ତା ସୃଷ୍ଟି ସିଏ ସଂହାରେ ।
କୋମଳତା ଯେତେ
ଭରିଛି ତା ଦେହେ

Digitized by PPRACHIN, SOA

ତାହାଠୁଁ କଠୋର ବେଶି,

ଆବଶ୍ୟକ ମତେ

ପ୍ରକାଶିତ କରେ

ରୂପ ରବି ଅବା ଶଶୀ ।

ଲଢ଼ିପାରେ ସିଏ

ଦୂର୍ଗା ରୂପ ଧରି

ଶୋଷେ ରକ୍ତ କାଳୀ ହୋଇ,

ମୋହିନୀ ରୂପରେ

ମୋହଇ ସଂସାର

ଧରଣୀ ରୂପେ ପାଳଇ ।

Digitized by PPRACHIN, SOA

ତୁହି ତ ଅପରାଜିତା

ଜାଗ ଜାଗିଉଠ
ତେଜିଣ ଆଳସ୍ୟ
ସ୍ୱଲକ୍ଷ୍ୟ ପୂରଣେ ଜାଗ,
ନ ମିଳୁଛି ଯଦି
କଳେ ବଳେ ଛଳେ
ଛଡ଼େଇବା ପାଇଁ ଜାଗ ।
ସମସ୍ତ ଗୁଣରେ
ପରିପୂର୍ଣ୍ଣା ତୁହି
ସ୍ୱୟଂ ସମର୍ଥା ଜଗତେ,
ଏପରି କିଏ ସେ
ରହିଛି ସଂସାରେ
ବଳିଯିବ ଅବା ତୋତେ ।
ପ୍ରତିପକ୍ଷ ତୋର
ସମକକ୍ଷ କିବା
କରିବ ପ୍ରତିଯୋଗିତା,
ନିଜ ସହ ତୁହି
ନିଜେ ସମକକ୍ଷ
ତୁହି ତ ଅପରାଜିତା ।
ନିଜର ଶକତି
ନିଜେ ପରିମାଣି

Digitized by PPRACHIN, SOA

ନିଜ ନାର୍ଯ୍ୟ ଦାବି ପାଇଁ,

ଦ୍ୱିଧାହୀନ ଭାବେ

ଆଗକୁ ଆଗେଇ

ହାସଲ କର ତୁ ଯାଇ ।

ଉଠ ଉଠ ଉଠ

ଜାଗ୍ରତ ହୁଅ ତୁ

ବିଶ୍ରାମକୁ ଭୁଲିଯାଅ,

ନିଜର ଉଦ୍ଦେଶ୍ୟ

ପୂର୍ତ୍ତି ହୋଇନାହିଁ

ଯେ ଯାଏଁ ଆଗାଉ ଥାଅ ।

Digitized by PPRACHIN, SOA

ହୁଅ ମା' ଅବତରିତ

ଦେବକୀ ରୂପରେ
ଜନମ ଦେଉ ତୁ
ଯଶୋଦା ରୂପରେ ପାଳୁ,
ଅହଲ୍ୟା ପରିକା
ସବୁ କଳଙ୍କକୁ
ଶୈଳ ହୋଇ କରୁ ଚଳୁ ।
ଶବରୀ ପରିକା
ଯୁଗ ଯୁଗ ଧରି
ରହିପାରୁ ପ୍ରତୀକ୍ଷାରେ,
ମାତା ସୀତା ହୋଇ
ଲୀନ ହୋଇପାରୁ
ଧରିତ୍ରୀ ମାତା କୋଳରେ ।
ଭରା ସଭାସ୍ଥଳେ
ଦୁଃଶାସନ କୃତ୍ୟ
ଶର୍ଯ୍ୟ କରିବା ଶକତି,
ତୋ ପାଶେ ସମ୍ଭବ
ଶତପୁତ୍ର ମୃତ୍ୟୁ
କୋହ ସମ୍ଭାଳିବା ଛାତି ।
ମୀରାବାଈ ରୂପେ
ଭୁଲୁ ବଂଶ ମାନ

Digitized by PPRACHIN, SOA

କୃଷ୍ଣ ପ୍ରେମେ ହୋଇ ଲୀନ,
ଲକ୍ଷ୍ମୀ ବାଇ ରୂପେ
ଲଢ଼ିପାରୁ ତୁହି
ରଖିବାକୁ ଦେଶମାନ ।
ପତି ପାଇଁ ସତୀ
ହେବାର ସାହସ
କେବଳ ଅଛି ତୋ ପାଶ,
ସାବିତ୍ରୀ ରୂପରେ
ଏକରାତି ସାତ
ରାତି କରିବା ପ୍ରୟାସ ।
ତୋ ଶକ୍ତିକୁ ଯୋଡ଼
ହସ୍ତରେ କରୁଛି
ଶତ ଶତ ପ୍ରଣିପାତ,
ମାତୃ ଜାତି ରକ୍ଷା
ପାଇଁ ବାରବାର
ହୁଅ ମା’ ଅବତରିତ ।

Digitized by PPRACHIN, SOA

ମା

ଯେପରି ଚାହିଁବା
ସେପରି ମଣିଷ
ଭବ ହାଟୁ ମିଳିଯିବ,
ଜୀବନ ଯାତ୍ରାରେ
ମାଆ ହଜିଗଲେ
ଆଉ କେବେ ନ ମିଳିବ ।
ସଂସାରେ ଯେତେକ
ସଂପର୍କ ରହିଛି
ଗଢ଼ି ହେବ ବାରବାର,
ମାଆ ସହ ଦିବ୍ୟ
ସଂପର୍କ କେବେବି
ଗଢ଼ି ନ ହେବ ଦୋବାର ।
ଜଗତ ଆଲୁଅ
ଦେଖିବା ପୂର୍ବରୁ
ଦଶମାସ ଦଶଦିନ,
ଗର୍ଭେ ବହି ସିଏ
ନିସର୍ଗେ ଦୁଃଖକୁ
ପିଇଯାଏ ଖୁସିମନ ।
ଗରଭ ଯନ୍ତ୍ରଣା
ବିଷ ନୀଳକଣ୍ଠ
ପ୍ରାୟ ଢକଢକ ପିଏ,
ବନ୍ଦିତ ହବ କି
ନିନ୍ଦିତ ହୋଇବ
ମନକୁ ଥରେ ନ ନିଏ ।
କରୁଣା ପଣତେ
ଘୋଡ଼ାଇ ରଖିଣ

Digitized by PPRACHIN, SOA

ସାରା ସଂସାର ସହିତ,
ସମର କରିବା
ସାମର୍ଥ୍ୟ ରଖି ସେ
ବଢ଼ାଅଇ ଅବିରତ ।
ସ୍ନେହ ମୟୀ ପ୍ରେମ
ପୁଟଦେଇ ଗଢ଼େ
ଦେହ ତା ରକ୍ତ ମାଂସରେ,
ପ୍ରଥମ ଗୁରୁର
ବାଗ୍ଡୋର ସମ୍ଭାଳେ
ଭସାଏ କାଳ ସ୍ରୋତରେ ।
ସ୍ୱାର୍ଥର ଦାସ ଏ
ଜଗତେ ସରବେ
ଚାହିଁଥାନ୍ତି ପ୍ରତିଦାନ,
ମାଗେ ନାହିଁ କେବେ
ପ୍ରେମ ପ୍ରୀତି ମୂଲ
ଏଡ଼େ ବଡ଼ ମାଆ ମନ ।

Digitized by PPRACHIN, SOA

ଅର୍ଦ୍ଧାଙ୍ଗିନୀ

ବାପା ମାଆ ଭାଇ
କୁଟୁମ୍ବ ସମ୍ବନ୍ଧୀ
ମିଳିତ ଚକ୍ରାନ୍ତ କରି,
ଅଜଣା ଲୋକଟେ
ଆଣନ୍ତି ଗୋଟାଇ
ଅଜଣା ରାଇଜ୍ଜୁ ଧରି ।
ମାଇକି ଲାଇଟି
ଜାଳି ଭୋଜିଭାତ
ଖୁଆଇ ଗାଆଁଟା ସାରା,
ହାତରେ ହାତକୁ
ଛନ୍ଦିକି କହନ୍ତି
ଇଏ ତୋ ସୁଖ ପସରା ।
ସାତ ଘେରା ଅଗ୍ନି
ଚାରିକଡ଼ ବୁଲି
ସାକ୍ଷୀ ରଖି କଥା ଦିଏ,
ଦଶ ଦୋଷ ତା'ର
ଧରିବନି କେବେ
ପ୍ରତିଜ୍ଞା କରିକି କହେ ।
ଦେଲା ନାରୀ ହେଲା
ପାରି ବୋଲି କହି

Digitized by PPRACHIN, SOA

ଅଜଣା ଅଶୁଣା ଘରେ,
ପଠେଇ ଦିଅନ୍ତି
କିପରି ରହିବ
ଅଜଣା ବ୍ୟକ୍ତି ସାଥିରେ ।
ଘଡ଼ିକେ ସ୍ୱାଛନ୍ଦ
ନିଲାମ ତା ହୋଇ
ପାଲଟି ଯାଏ ସେ ଦାସୀ,
ଯେଉଁଠୁ ଜୀବନେ
ଶତ ଚେଷ୍ଟା କଲେ
ପାରେ ନାହିଁ ସିଏ ଖସି ।
ସ୍ୱର୍ଣ୍ଣ ଶିକୁଳିରେ
ବନ୍ଧା ପଡ଼ିଯାଏ
ଜାଣିବା ପୂର୍ବରୁ କିଛି,
ସେଇ ତାର କର୍ମ
ଭୂମି ହୋଇ ଯାଏ
ନୂଆ ବେଶ ନିଏ ବାଛି ।
ନୂଆ ଅଭିନୟ
ହୁଅଇ ଆରମ୍ଭ
ତା ସର୍ବସ୍ୱ ଅର୍ପି ଦିଏ,
ହର୍ତ୍ତା କର୍ତ୍ତା ଦୈବ
ବିଧାତା ଦେବତା

Digitized by PPRACHIN, SOA

ଆସନେ ଯା'ରେ ବସାଏ ।

ଅଜଣା ଘରକୁ

ଅଜଣା ଲୋକଙ୍କୁ

କରୁକରୁ ଆପଣାର,

ଦିନ ସରିଯାଏ

ରାତି ସରିଯାଏ

ସ୍ୱପ୍ନ କରୁଣୁ ସାକାର ।

Digitized by PPRACHIN, SOA

ଝିଅରୁ ବୋହୂ

ଝିଅଟିଏ ଶାଶୂ
ଘର ଯିବା ପରେ
ବୋହୂ ବନେ ରାତାରାତି,
ଦୃଷ୍ଟିକୋଣ ବାପା
ମାଆ ଶାଶୂଙ୍କର
ବଦଳି ଯାଏ ତା' ପ୍ରତି ।
ଗୋଟିଏ ରାତିର
ଅଘଟଣ ପରେ
ପ୍ରତ୍ୟାଶା ସମସ୍ତଙ୍କର,
ଅସମ୍ଭବ ରୂପେ
ହୁଅଇ ବର୍ଦ୍ଧିତ
ଚାହାଁନ୍ତି ଚମତକାର ।
ଆଦର୍ଶ ବୋହୂର
ଚରିତ୍ର ଆରୋପି
ଖୋଜନ୍ତି ତଦନୁସାରେ,
ଓଲମ ବିଲମ
ହୋଇଲେ ସୂତାଏ
ଶୁଣାନ୍ତି ଯେଝାନୁସାରେ ।
ଶାଶୂ ସୁନାନାକୀ
ବୋହୂ ସର୍ବଗୁଣ

Digitized by PPRACHIN, SOA

ସମ୍ପର୍ଣ୍ଣତା ଆଶା କରେ,

ମାଆ ବାପା ଦୁହେଁ

ଚାହାନ୍ତି ମୋ ଝିଅ

ନ ଶୁଣୁ ତା ଶାଶୂଘରେ ।

ଶାଶୂ ପୁତ୍ର ବଧୂ

ପତି ଅର୍ଦ୍ଧାଙ୍ଗିନୀ

ଅଭିନୟ କରୁ କରୁ,

ଜାଣେ ନାହିଁ ମାଆ

ହୋଇ ଯାଏ କେବେ

ବୋହୂ ଭାଉଜ ଝିଅରୁ ।

Digitized by PPRACHIN, SOA

ବୀର ରାଣୀ ପ୍ରଭାବତୀ

ଧଳଭୂମି ରାଜ-
କନ୍ୟା ପ୍ରଭାବତୀ
ରଣପୁର ଯୁବରାଣୀ,
ରଣପୁର ଯୁବ-
ରାଜ ଗଦାଧର
ହୃଦୟ ପୁଷ୍ପ ଚୋରଣୀ ।
ବୈବାହିକ ସୂତ୍ରେ
ସୁବର୍ଣ୍ଣ ଜଞ୍ଜିରେ
ବନ୍ଧାହୋଇ ରଣପୁରେ,
ଶ୍ରବଣ କରିଲେ
ହୃଦଥରା ବାର୍ତ୍ତା
ଗୃହେ ଫେରିବା ରାସ୍ତାରେ ।
ବଙ୍ଗ ମୁସଲିମ
ଶାସକ ସାଥିରେ
ନେଇ ସାମନ୍ତ ସଇନ,
ଯୋଜନା କରନ୍ତି
ଉତ୍କଳ ପ୍ରଦେଶ
କରିବାକୁ ଆକ୍ରମଣ ।
କପିଶା ତଟିନୀ
ତଟ ପ୍ରଦେଶରେ
ମଚାଇବେ ହାହାକାର,

Digitized by PPRACHIN, SOA

ଉତ୍କଳ ସମ୍ରାଟ

ହତବାକ୍ ହୋଇ

ରହିଥିବେ ବଟସ୍କର ।

ଅଳ୍ପ କିଛି ସୈନ୍ୟ

ହେପାଜତେ ଛାଡ଼ି

ନବବିବାହିତ ପତ୍ନୀ,

ଯୁବରାଜ ଗଲେ

ବାରବାଟୀ ଦୁର୍ଗେ

ସମୟର ଡାକ ଶୁଣି ।

ମୁସଲିମ ସୈନ୍ୟ

ଆକ୍ରମଣ ଦେଖି

ଯୁବରାଣୀ ପ୍ରଭାବତୀ,

କିଛି କାଳ ପାଇଁ

ପ୍ରତୀକ୍ଷା କରିଲେ

ରାଜା ମହାରାଜା ପ୍ରତି ।

ଅସହ୍ୟ ଅପେକ୍ଷା

ପରିତ୍ୟାଗୀ ଛଦ୍ମେ

ସଇନିକ ବେଶ ଧରି,

ପ୍ରଚାର କରିଲେ

ତାମ୍ରଲିପି ସାରା

ସଠେସାଠ୍ୟ ସମାଚରି ।

ଭବ୍ୟ ଉତ୍କଳର

ମହାରାଜା ସ୍ୱୟଂ

Digitized by PPRACHIN, SOA

ଯୁଦ୍ଧେ ହେଲେଣି ପ୍ରବୃତ୍ତ,
ଶୁଣି ତାମ୍ରଲିପି
ଜନସାଧାରଣ
ରଣେ ହେଲେ ସମାଗତ ।
ଦୀପ୍ତ ରୂପ ନେଇ
ପୁରୁଷ ବେଶରେ
ସମରେ ନେତୃତ୍ୱ ଦେଇ,
ଲଢି ଦେଲେ ତଡି
ମ୍ଳେଚ୍ଛ ସଇନଙ୍କୁ
ସ୍ୱୟଂ ବିକ୍ରମ ଦେଖାଇ ।
ଯୁବରାଜ ସାଥେ
ଉତ୍କଳ ସମ୍ରାଟ
ବିରାଟ ବାହିନୀ ନେଇ,
ପହଞ୍ଚି ଦେଖିଲେ
ମୁସଲିମ ସୈନ୍ୟ
ଛତ୍ରଭଙ୍ଗ ଛନ୍ତି ଦେଇ ।
ସର୍ବତ୍ର ଶୁଭୁଛି
ଜୟ ଜୟକାର
ଗଜପତି ରାଜାଙ୍କର,
ନିଜେ ଗଜପତି
ଆଶ୍ଚର୍ଯ୍ୟେ ଖୋଜିଲେ
ଏହି ସୁକୃତ୍ୟ କାହାର ।
ସତ୍ୟ ତଥ୍ୟ ତତ୍ତ୍ୱ

Digitized by PPRACHIN, SOA

ଅନୁସନ୍ଧାନରୁ
ରାଜା ହେଲେ ଅବଗତ,
ଧଳ ରାଜଜେମା
ରଣପୁର ବଧୂ
ପ୍ରଭାବତୀଙ୍କ ବୀରତ୍ୱ ।
ଅବିଶ୍ୱସନୀୟ
ହୃଦଆକର୍ଷକ
ବୋଇଲେ ତୁମ ସାହସ,
ଜଗତେ ବିରଳ
କୀର୍ତ୍ତି ରଚିଗଲ
ଭରିଦେଲ ମନେ ହର୍ଷ ।
ଧନ୍ୟ ରଣପୁର
ଧନ୍ୟ ଏ ଉତ୍କଳ
ଧନ୍ୟ ଗଦାଧର ସିଂହ,
ପ୍ରମାଣ କରିଲ
ନାରୀ ଆଣେ କ୍ରାନ୍ତି
ଭରେ ଶବଠି ଉତ୍ସାହ ।
ଧରମ ଦୁହିତା
ଘୋଷଣା କରିଲେ
ଗଦାଧରଙ୍କୁ ଜାମାତା,
ଯଥାମାନ୍ୟ ମାନ
ସମ୍ମାନ ପ୍ରଦାନ
କରି ହେଲେ କନ୍ୟା ଦାତା ।

Digitized by PPRACHIN, SOA

ନରେନ୍ଦ୍ର ଉପାଧି
ଗଦାଧରେ ଦେଇ
ସିଂହ ନରେନ୍ଦ୍ର କରିଲେ,
ଅତି ଆନନ୍ଦରେ
ନାଗମଣି ନାମ
ଦେଲେ ପ୍ରଭାବତୀ ତୁଲେ ।
କାଳକାଳ ପାଇଁ
ରାଣୀ ପ୍ରଭାବତୀ
କହିଗଲେ କାନେ କାନେ,
ଅବଳା ଦୁର୍ବଳା
ଆଶ୍ରୟ ପ୍ରାର୍ଥିନୀ
ନୁହେଁ ନାରୀ କଦାଚନେ ।

Digitized by PPRACHIN, SOA

ବୀରାଙ୍ଗନା ରାଣୀ ଶୁକ ଦେଈ

ବାଙ୍କୀ ଗଡ଼ଜାତ
ରାଜା ଧନଞ୍ଜୟ
ଶ୍ରୀ ଚନ୍ଦନ ମହାପାତ୍ର,
ତାଙ୍କ ସୋହାଗିନୀ
ରାଣୀ ଶୁକଦେଈ
ବୀରତ୍ୱ ଯା'ର ପବିତ୍ର ।
ଖୋର୍ଦ୍ଧା ନରପତି
ଦିବ୍ୟସିଂହ ଦେବ
ଆଚରିଲେ ଶତ୍ରୁପଣ,
ରଗଡ଼ି ଯୁଦ୍ଧରେ
ବାଙ୍କୀ ଅଧିକାର
କରିବାକୁ ନେଲେ ପ୍ରାଣ ।
ଗୋପାଳ ପୁରର
ଦକ୍ଷିଣ ପାଟରେ
ସ୍ଥାପନ କରି ଶିବିର
ଆତ୍ମସମର୍ପଣ
କରିବାକୁ ବାର୍ତ୍ତା
ଦେଇ ଭେଜିଲେ ଡଗର ।
ପତିବିୟୋଗରେ
ମୁଖ ଅପସରେ
ଗୁଞ୍ଜି କାନ୍ଦୁଥିଲେ ଦୁଃଖେ,

Digitized by PPRACHIN, SOA

ବ୍ୟବର୍ତ୍ତା ଦେଓ୍ୱାନ
ବୋଇଲେ ଉଠ ମା’
ଶତ୍ରୁ ଆସି ଗଡ଼ ମୁଖେ ।
ଦୟାନିଧି ମୁଖ
ଚାହଁ ବାରେ ମାତା
ସମୟ ତ ପ୍ରତିକୂଳ,
ସନ୍ଧି କରଯାଇ
ଅବା ରଣ କର
ହସ୍ତେ ଧରି କରବାଳ ।
ହୃଦଶୋକାବେଗ
କରି ସମ୍ବରଣ
ସିଂହୀ ପ୍ରାୟ ଉଠି ରାଣୀ,
କହିଲେ ମାରିବି
ପତିହନ୍ତା ରାଜା
ସମର୍ପଣ କରିବିନି ।
ସମାଚାର ଦିଅ
ଦିବ୍ୟସିଂହ ଦେବେ
ଡକାଅ ପାଇକ ପୁଏ,
ଦୟାନିଧିଙ୍କୁ ମୋ
ସାଥିରେ ନେଇକି
ଲଢ଼ିବି ମରିବା ଯାଏ ।
ଶୁକଦେଈଙ୍କର
ଦୃଢ଼ତା ଦେଓ୍ୱାନ

Digitized by PPRACHIN, SOA

ମନେ ଭରିଲା ଉତ୍ସାହ,
ରାତିକ ମଧ୍ୟରେ
ଯୋଗାଡ଼ି ପାଇକ
ଠିଆକଲେ ଶହ ଶହ ।
ପୁତ୍ରଙ୍କୁ ବିଶ୍ୱସ୍ତ
ସେବକେ ସମର୍ପି
ମାତା ଚର୍ଚ୍ଚିକା ଆସ୍ଥାନେ,
ଭରିଲେ ବିଶ୍ୱାସ
ଅଦମ୍ୟ ସାହସ
ପାଇକ ପୁଅଙ୍କ ମନେ ।
ବୋଇଲେ ନିଜର
ବାହୁବଳେ ତୁମେ
ବୀରମାଟି ଏ ବାଙ୍କୀର,
ଯଶକୁ ଅକ୍ଷୟ
କରି ରଖିଅଛ
ଆଳସ୍ୟ ତେଜ ଏଥର ।
ପୂର୍ବ ପିତୃକୁଳ
ଅକ୍ଷୟ ବୀରତ୍ୱ
ଯଶୋରାଶି ମନେଘେନ,
ମନରୁ ଭୀରୁତା
ପରିତ୍ୟାଗୀ ପୂର୍ବ
ଗୌରବ କର ସ୍ମରଣ ।
ସ୍ୱଳ୍ପ ସୈନ୍ୟ ଧରି

Digitized by PPRACHIN, SOA

ଅସୀମ ଉତ୍ସାହେ
ଅମିତ ବିକ୍ରମ ତୁଲେ,
ପରୀକ୍ଷିତ ନାରୀ
ଶକ୍ତି ପ୍ରଦର୍ଶନ
ପାଇଁ ଶୁକଦେଇ ଗଲେ ।
ଯୁଦ୍ଧ କ୍ଷେତ୍ରେ ନାରୀ
ଅସ୍ତ୍ର ଶକ୍ତି ଧରି
ଦେଖି ରାଜା ଉପସ୍ଥିତ,
ଉପହାସ କରି
ଦୁର୍ଗାଙ୍କୁ ମହିଷା
ପ୍ରାୟ କହିଲେ ବହୁତ ।
ଭୟଙ୍କର ରଣ
କିଛି ବାଙ୍କୀ ସୈନ୍ୟ
ଦେଖି ଛତ୍ରଭଙ୍ଗ ଦେଲେ,
ଅସୀମ ଦମ୍ଭରେ
ମୁଷ୍ଟିମେୟ ସୈନ୍ୟ
ନେଇ ରାଣୀ ରଣ କଲେ ।
ବଳ ସିନା ଅସ୍ତ୍ର
ମନୋବଳ ବହୁ
ନାରୀଶକ୍ତିର ପ୍ରାବଲ୍ୟ,
ଚଣ୍ଡୀ ମା' ଚର୍ଚ୍ଚିକା
ସଶରୀରେ ଉଭା
ହୋଇ ସର୍ଜିଲେ ବୈକଲ୍ୟ ।

Digitized by PPRACHIN, SOA

ସହାୟତା ପାଇଁ
ବଡ଼ମ୍ବା ରାଜନ
ମାଆଙ୍କ କରୁଣା ରୂପେ,
ଯୋଗ ଦେବାଫଳେ
ଗଜପତି ରାଜା
ପରାଜିତ ହେଲେ ଅକ୍ଷେ ।
ତୁଳସୀପୁରରେ
କଳାପଥରର
ଘମାଘୋଟ ଯୁଦ୍ଧ ହେଲା,
ରାଣୀସୈନ୍ୟମାନେ
ପ୍ରବଳ ହେବାରୁ
ଖୋର୍ଦ୍ଧା ପଛଘୁଞ୍ଚା ଦେଲା ।
ଗଜପତି ହାରି
ପଳାୟନ କଲା
ବେଳେ ଯୁଦ୍ଧରୁ ଗୋପନେ,
ଦେହରକ୍ଷୀସହ
ବାଙ୍କୀ ସୈନ୍ୟ ବାନ୍ଧି
ଆଣିଲେ ରାଣୀ ସାମନେ ।
ନାରୀର ହୃଦୟ
ବୁଝିପାରେ ନାରୀ
ପତିହନ୍ତା ପାଶେ ପାଇ,
ନଭୁଲି ନାରୀର
କରୁଣା ସୁଦୟା

Digitized by PPRACHIN, SOA

କ୍ଷମା ଗୁଣ ଆଚରଇ ।
ଜୀବ ଦାନ ଦେଇ
ବୋଇଲେ ରାଜନ
ଜଗନ୍ନାଥ ଭକ୍ତ ହୋଇ,
ଚଣ୍ଡାଳ ବୁଦ୍ଧିକୁ
ଆଚରିଲ କ୍ରୋଧେ
ଯାଅ ଏବେ ମୁକ୍ତ ହୋଇ ।
ଅସୀର ବିଜୟ
ବିଜୟ ନୁହଇ
ହୃଦୟ ପାରିଲେ ଜିତି,
କୋଟି ହୃଦୟର
ମଉଡ଼ମଣିଟି
ହୋଇବ ହେ ନରପତି ।
ସହସ୍ର ସହସ୍ର
ଜନତା କନ୍ଦାଇ
ସୁଖ ଆଶା କରେ ଯିଏ,
ତାହାଠାରୁ ବଡ଼
ଅବିବେକୀ ଆଉ
ସଂସାରରେ ଅଛି କିଏ ।
ସୌଜନ୍ୟ ଗୁଣରେ
ସୁଚାରୁ ରୂପରେ
ରାଜାଙ୍କୁ ସମ୍ମାନ ଦେଇ,
ବିଦାୟ ଦେବାରୁ

Digitized by PPRACHIN, SOA

ରାଣୀଙ୍କ କୃପାରେ
ରାଜା କୃତ୍ୟକୃତ୍ୟ ହୋଇ ।
ନିଜ ପକ୍ଷୁ ସନ୍ଧି
ପ୍ରସ୍ତାବ ରଖିଲେ
ବଢ଼ାଇ ମିତ୍ରତା ହସ୍ତ,
ପ୍ରଦାନ କରିଲେ
କୁଶପଲ୍ଲୀ ନାମେ
ପ୍ରଗଣା ଗୋଟି ନିସର୍ତ୍ତ ।
ନାରୀ ମର୍ଯ୍ୟାଦାର
ମୂର୍ତ୍ତିମନ୍ତ ରୂପ
ନାରୀଶକ୍ତିର ସ୍ଫୁଲିଙ୍ଗ,
ରାଣୀ ଶୁକଦେଈ
କାଳକାଳ ହୋଇ
ରହିବେ ହିମାଦ୍ରିଶୃଙ୍ଗ ।

Digitized by PPRACHIN, SOA

କନ୍ୟାରତ୍ନ ସୁରକ୍ଷାରେ ଲିଙ୍କନ

ଭାଗବତ ଜନ୍ମ
ପବିତ୍ର ଦିବସେ
ଊଣଶିଶ ଚୌରାସିରେ,
କନ୍ୟାଟିଏ ଜନ୍ମ
ବରଷଣମୁଖ
ଘନ ଅନ୍ଧାର ରାତିରେ ।
ଜନନୀ ଅହଲ୍ୟା
ଫୌଜୀ ପିତା ରାଜ
କିଶୋର ହୃଦୟ ଶଶୀ,
ତୁଙ୍ଗ ହୃଦୟରେ
ଏଡ଼େ ବିଶାଳତା
ଗୁପ୍ତେ ଥିଲା ଆସି ବସି ।
ଶଶିକଳା ପ୍ରାୟ
ବଢ଼ି ସେହି କନ୍ୟା
ଘର କଲା ଆଲୋକିତ,
ଦରଦୀ ହୃଦରେ
ଦୁଃଖି ଛୁଆଙ୍କର
ଅନ୍ଧକାର ସୃଜେ କ୍ଷତ ।
ପିତାମାତାଙ୍କର
କୋଳେ ଅୟସରେ

Digitized by PPRACHIN, SOA

ବଢ଼େ ଯିଏ ନିରଳସ,
ବସ୍ତି ଛୁଆଙ୍କର
ଦୈନ୍ୟତା ମନୁ ତା
କାଢ଼ି ନେଉଥିଲା ହର୍ଷ ।
ପାଠ ପଢ଼ି ସେଇ
କନ୍ୟାରତ୍ନ ହେଲା
ଆଇଟି ପ୍ରଫେସନାଲ,
ମୋଟା ଦରମାକୁ
ଅତି ଆକର୍ଷକ
ଅଫିସ ଅତ୍ୟନ୍ତ ଭଲ ।
ଅନ୍ୟ ପାଇଁ ଯା'ର
ଜନମ ସିଏ କି
ଚାରିକାନ୍ଥ ମଧ୍ୟେ ବନ୍ଦୀ,
ବସିପାରେ ହୋଇ
ଆତ୍ମସୁଖ ଅର୍ଥେ
ଗୋଡ଼କୁ ଗୋଡ଼ରେ ଛନ୍ଦି ।
ମନଖୋଜୁଥାଏ
ଯାହା ନିଭୃତରେ
ଈଶ୍ୱର ସେହି ସୁଯୋଗ,
ପହଞ୍ଚାଇ ଦ୍ୟନ୍ତି
ସମୟକୁ ଦେଖି
କରିବାକୁ ଉପଯୋଗ ।
ସମ ଚିନ୍ତାଶୀଳ

Digitized by PPRACHIN, SOA

ସାଥି ଠାରୁ ଶୁଣି
ନାମ ଯା '**ଏଡ଼ ପ୍ରୟାସ**',
ସଂଗଠନ ସହ
ଜଡ଼ିତ ହୋଇଲା
ଦିଶା ଦେବାପାଇଁ ଆଶ ।
ବସ୍ତିଅଞ୍ଚଳକୁ
ଯାଇ ପିଲାଙ୍କର
ଦେଖି କି ହୀନ ଅବସ୍ଥା,
କରିବାକୁ କିଛି
ସେ ପିଲାଙ୍କ ପାଇଁ
ମନେ ଜାଗିଲା ସଦିଚ୍ଛା ।
ସାଥିଙ୍କ ସହିତ
ନିଜରୋଜଗାରୁ
ଅଳ୍ପ ଅଳ୍ପ ବିନିଯୋଗୀ,
କୁନିକୁନି ପିଲା
ମୁଖରେ ଆହାର
ଦ୍ୟନ୍ତି ହୋଇ ସହଭାଗୀ ।
ଅଶିକ୍ଷା ତାଙ୍କର
ଦୁରାବସ୍ଥା ପାଇଁ
ଦାୟୀ ବୋଲି ଜାଣି ପାରି,
ବସ୍ତିରେ ପହଞ୍ଚି
ପାଠ୍ୟୋପକରଣ
ବାଣ୍ଟିଲେ ସଂଗ୍ରହ କରି ।

Digitized by PPRACHIN, SOA

ଯେଉଁ ତିମିରେକୁ
ସେହି ତିମିରରେ
ବସ୍ତିପିଲାଗଣେ ପାଇ,
ବିଦ୍ୟାଳୟଟିଏ
ଖୋଲିଲେ ନୋଏଡ଼ା
ଅଛୁଆଁ ଅଞ୍ଚଳେ ଯାଇ ।
ବହୁ କଷ୍ଟ କରି
ପିତାମାତା ଗଣେ
ବୁଝେଇ ପିଲା ଆଣିଲେ,
ଘର ଘର ବୁଲି
ଶିକ୍ଷା ସପକ୍ଷରେ
ବିଶେଷ ଯୁକ୍ତି ବାଢ଼ିଲେ ।
ଧିରେ ଧିରେ ଲକ୍ଷ୍ୟ
ଧରିଲା ତା ପକ୍ଷ
ବିଦ୍ୟାର୍ଥୀ ସଂଖ୍ୟା ବଢ଼ିଲା,
ଶନି ରବି ଦୁଇ
ଦିନ ବିଦ୍ୟାଳୟ
ସପ୍ତାହରେ ଖୋଲୁଥିଲା ।
ବିଧିର ବିଧାନ
ପାରେ କେବା ଜାଣି
ବିଧାତା ଇଚ୍ଛାରେ ତାଙ୍କ,
ସଜାଡ଼ି ରଖନ୍ତି
ଆମପାଇଁ ପଥ

Digitized by PPRACHIN, SOA

ସାଧାସିଧା ଅବା ବାଙ୍କ ।
ସୋନା ନାମେ ଛାତ୍ରୀ
ବୁଦ୍ଧିମତୀ ଅତି
ଥିଲା ଯେ ଅତ୍ୟନ୍ତ ପ୍ରିୟ,
ବିଦ୍ୟାଳୟେ ତା'ର
ଅନୁପସ୍ଥିତିଟି
ମନକୁ କଲା ଅଥୟ ।
ବୁଝିବାରୁ ତଥ୍ୟ
ଜଣାଗଲା ସତ୍ୟ
ଏଡୁଟିଏ ଟିକିପିଲା,
ବିଭାଦେବାପାଇଁ
ସାଥେ ତାକୁ ନେଇ
ତା ମା' ଗ୍ରାମେ ଯାଇଥିଲା ।
ବୁଝି ବୁଝି ତା'ର
ଠିକଣା ଗାଆଁର
ସେଠାରେ ଯାଇ ପହଞ୍ଚି,
ଉଦ୍ଧାର କରିକି
ଦୁଇଦୁଇ ଥର
ଆଣିବାରୁ ଥିଲା ବଞ୍ଚି ।
ତୃତୀୟ ଥରଟି
ହୃଦବିଦାରକ
ନିଜ ମାଆ ପୁତୁରାକୁ,
ହୋଇଣ ବିବଶ

Digitized by PPRACHIN, SOA

ଦେଲା ଉପଦେଶ
ଲୁଟ ତା'ର ସତୀତ୍ୱକୁ ।
କରିଲେ ସେପରି
ପାରିବନି କରି
ବିବାହ ନିମନ୍ତେ ମନା,
ପ୍ରଚେଷ୍ଟା ତାହାର
ହୋଇଲା ବେକାର
ବୁଦ୍ଧି ପାଞ୍ଚିବାରୁ ସୋନା ।
ସଂଘର୍ଷ କରି ସେ
ରାତି କଟାଇଲା
ଲୁଚି ଲୁଚି ଅନ୍ୟ ଗୃହେ,
ସକାଳେ ଲିଙ୍କନ
ଦିଦିଙ୍କୁ ଡାକିଲା
ଭିଜିଭିଜି ଆଖି ଲୁହେ ।
ପୋଲିସ ସାମର୍ଥ୍ୟେ
ଉଦ୍ଧାରି ଆଣିଲେ
ନୋଏଡ଼ା ତା ବାସସ୍ଥାନେ ।
ରକତ ଚାଉଳ
ଚୋବାଉ ତ ଥିଲେ
ମାତା ତା'ର ମନେ ମନେ ।
ବିଦ୍ୟାଳୟ ପଛେ
ଘର ସେ ସୋନାର
ପଚାରି ବୁଝିବା ପାଇଁ,

Digitized by PPRACHIN, SOA

ଅବସ୍ଥା ତାହାର
ରହିଛି କେମିତି
ଦିଦି ପହଞ୍ଚିଲେ ଯାଇ ।
ସବୁ ଅନର୍ଥର
ମୂଳ ଏ ଲିଙ୍କନ
ତା'ର ଭାବି ସ୍ୱାମୀ ଜାଣି,
ମାଉସୀ ସହିତ
ଚାକୁ ଆକ୍ରମଣ
କରିଲେ କଥା ନ ଶୁଣି ।
ଜୀବନ ବିକଳେ
ଦୌଡ଼ିଲେ ଲିଙ୍କନ
ଆତତାୟୀ ପଛେପଛେ,
ବସ୍ତିରୁ ବସ୍ତିକୁ
ଧାଇଁ ଗଲାବେଳେ
ପଡିଲେ ତଳେ ଅତର୍କେ ।
ମାଉସୀ ପୁତୁରା
ଭୋକିଲା ଗଧିଆ
ପ୍ରାୟ ତଣ୍ଟି ଚିପି ଧରି,
ଛାତିକୁ ଚକଟି
ମୁଣ୍ଡକୁ ଇଟାରେ
ଛେଚିଲେ ଦେବାକୁ ମାରି ।
ତଣ୍ଟି ଚିପା ସହ
ଇଟାର ଆଘାତ

Digitized by PPRACHIN, SOA

ସହି ନ ପାରି ଲିଙ୍କନ,
କିଛିକ୍ଷଣ ପରେ
ଶରୀର ତାଙ୍କର
ଧିରେ ହୋଇଲା ନିଷ୍ପ୍ରାଣ ।
ମୃତ ଭାବି ଛାଡ଼ି
ଚାଲିଗଲେ କିଛି
ବସ୍ତି ଲୋକ ତାଙ୍କୁ ପାଇ,
ଟେକି ନେଇଗଲେ
ଡାକତରଖାନା
ଚିକିତ୍ସା କରିବା ପାଇଁ ।
ବହୁ ଚେଷ୍ଟା ପରେ
ଦାଖିଲ ମିଳିଲା
ଦୁଇଦିନ ପରେ ଚେତା,
ଚାଳିଶି ସିଲେଇ
କରାହେଲା ତାଙ୍କୁ
ବଞ୍ଚାଇବା ପାଇଁ ଚେଷ୍ଟା ।
ସେ ଦିନ ବି ଥିଲା
ତାଙ୍କ ଶୁଭ ଜନ୍ମ
ଦିନ ଊନତ୍ରିଂଶ ତମ,
ଦୀନ ଦରିଦ୍ରଙ୍କ
କାମ କରିବାକୁ
ଫେରାଇଣ ଦେଲେ ଯମ ।
ଦୁର୍ଘଟଣା ଜାଣି

Digitized by PPRACHIN, SOA

ସାହାରା ଓଟିଭି
ସାରା ଦେଶେ ପ୍ରଚାରିଲେ,
ବିଜୁ ପଟ୍ଟନାୟକ
ସାହସିକ ପୁର-
ସ୍କାର ପ୍ରାପତ କରିଲେ ।
ଭାବିଲେ ମନକୁ
ମନ ଲାଭକରି
ସିଏ ନୂତନ ଜନମ,
ସଂସାରର ବୃହ-
ତ୍ତର ସ୍ୱାର୍ଥ ପାଇଁ
ବୋଧେ ମୋହର ଜନମ ।
ମୁଖ୍ୟମନ୍ତ୍ରୀଙ୍କର
ଆହ୍ୱାନେ କରିଲେ
ଓଡ଼ିଶାକୁ ଆଗମନ,
କର୍ମକ୍ଷେତ୍ର କରି
ଗଢ଼ିଛନ୍ତି ସେବା
ପ୍ରୟାସ ଫାଉଣ୍ଡେସନ ।
ବାଳିକା ବିବାହ
ଲିଙ୍ଗ ଭେଦ ସହ
ଘରୋଇ ହିଂସା ବିରୁଦ୍ଧେ,
ଲଢ଼େଇ କରଇ
ତାଙ୍କ ସଂଗଠନ
ହୋଇଣ ସଙ୍କଳ୍ପବଦ୍ଧ ।

Digitized by PPRACHIN, SOA

ଭାରତ ସର୍କାର
ଦୂତ ରୂପେ ଚୀନ
ସାମାଜିକ କର୍ମୀ ମେଳେ,
ଜାତିସଂଘ ଦୂତ
ରୂପେ ଆମେରିକା
ଯାଇଥିଲେ କର୍ମବଳେ ।
ଲିଙ୍ଗଭେଦ ବାଲ୍ୟ
ବିବାହ ଘରୋଇ
ହିଂସା କନ୍ୟା ଭ୍ରୂଣ ହତ୍ୟା,
ବିରୁଦ୍ଧେ ସଂଘର୍ଷ
ରହିଅଛି ଜାରୀ
ଅଶିକ୍ଷା ପୁଷ୍ଟିହୀନତା ।
କୋଭିଡ଼ ସମୟେ
ଖାଦ୍ୟ ପହଞ୍ଚାଇ
ନେଇଥିଲେ ମାଆ ସ୍ଥାନ,
ଯା'ପାଇଁ ଜନମ
କାନ୍ଦୁଛି କାନ୍ଦିବ
କରୁଣାମୟୀଙ୍କ ପ୍ରାଣ ।

Digitized by PPRACHIN, SOA

ବାଲ୍ୟବିବାହକୁ ନା

ପୌତ୍ରୀ ଭଗ୍ନୀ ଜାୟା
ଜନନୀ ଦୁହିତା
ରୂପରେ ଆମ ଜୀବନ,
ଖୁସିରେ ଭରେ ଯେ
ଛାଇ ପରି ରହି
ପ୍ରେରଣାରେ ଭରେ ମନ ।
ଶୈଶବର ଧୂଳି
ଖେଳ ନଛାଡୁଣୁ
ଜୀବନକୁ ନ ବୁଝୁଣୁ,
ଶିଶୁ ମନକୁ ତା
କବର ଦେବାକୁ
ଅଣ୍ଟା ଭିଡୁ ଜାଣୁ ଜାଣୁ ।
ତା ଓଠରେ ହସ
ଭରିବା କଥା ଯେ
ବଇରି ପାଲଟି ଯାଏ,
ଖୁସି ଭରିବାକୁ
ଚେଷ୍ଟିତ ବ୍ୟକ୍ତିଟି
କାନ୍ଦ କେନ୍ହେ ଭରିଦିଏ ।
ଶୈଶବ ତାହାର
ଛଡ଼ାଇ ନେଇକି

Digitized by PPRACHIN, SOA

ମାତୃତ୍ୱର କ୍ଲିଷ୍ଟ ବୋଝ,
ମୁଣ୍ଡାଇ ଦେଇକି
ବୋଝ ଗଲା ବୋଲି
କେଉଁ ପ୍ରକାରେ ସମଝ ।
ମନେ ତା'ର ଯେତେ
ସ୍ୱପ୍ନ ଅଙ୍କୁରିତ
ହେଉ ହେଉ ଭାଙ୍ଗି ଗଲା,
ଦିଅକି ତାହାରେ
ନିଜ ସ୍ୱଜନଙ୍କୁ
ଭଲପାଇବାର ସଜା ।
ନିଜ ଗୋଡ଼େ ଦୃଢ଼େ
ଠିଆ ହେବା ଶକ୍ତି
ନ ପାଉଣୁ ସିଏ ତା'ର,
କିଏ ଦେଲା ସତେ
କ୍ଷମତା ତା'ପରେ
ଲଦିବାକୁ ଅନ୍ୟ ଭାର ।
ନିଜ ଜୀବନକୁ
ବୁଝିବା ଶକତି
ପ୍ରାପ୍ତ ଯିଏ କରି ନାହିଁ,
ଅନେକ ଜୀବନ
ବୁଝିବାକୁ ବାଧ୍ୟ
କର ତାକୁ କାହିଁ ପାଇଁ ।
ଆଈ ଜେଜେ ଖୁଡ଼ୀ

Digitized by PPRACHIN, SOA

ଯେତେ ତୁମ୍ଭମାନେ
ଅଛ ମାଆ ମାଉସୀଏ,
କନ୍ୟାରତ୍ନ ମନ
ତୁମଠାରୁ ଆଉ
ଅଧିକ ବୁଝିବ କିଏ ।
ଆସ ସର୍ବେ ମିଶି
ଏକାଠି କରିବା
ଦୃଢ ମନରେ ଶପଥ,
ବାଲ୍ୟବିବାହକୁ
ପ୍ରଶୟ ନ ଦେବା
ହୋଇବା ନାହିଁ ବିପଥ ।

Digitized by PPRACHIN, SOA

ଝିଅକୁ ହେଲେ ଅଠର

ଝିଅକୁ ଅଠର
ନ ହୋଇଲା ଯାଏଁ
ଦେବାନି ବିଭା ତାହାରେ,
ଜୀବନ ସାଥିଟେ
ବାଛିବାକୁ ଦେବା
ତାକୁ ସ୍ୱାଧୀନ ଭାବରେ ।
ଯେତେବେଳ ଯାଏଁ
ଚାହୁଁଛି ତାହାକୁ
ପଢ଼ିବା ସୁଯୋଗ ଦେବା,
ବାଧ୍ୟକରି ଇଚ୍ଛା
ବିରୁଦ୍ଧେ ତାହାର
ନିଷ୍ପତ୍ତି କିଛି ନ ନେବା ।
ଆମ ମନମାନୀ
ହୁକୁମର ଇକା
ଚଳେଇବାନି ତାପରେ,
କହି ଜାତି ବଂଶ
ମର୍ଯ୍ୟାଦା ବନ୍ଧନେ
ବାନ୍ଧିବା ନାହିଁ ତାହାରେ ।
ଯେତେ ଯାଏଁ ସିଏ
ପ୍ରସ୍ତୁତ ହୋଇନି
ସଂସାର ଗଢ଼ିବା ପାଇଁ,
କରିବାନି କିଛି
ତା ଖୁସିକୁ ମାରି
ନିଜ ଦାୟିତ୍ୱ ଖସାଇ ।

Digitized by PPRACHIN, SOA

ମଣିଷ ପିଲାଟ
ଭୁଲ ସହଚର
ଭୁଲ ଯଦି କେବେ କରେ,
କୋମଳତା ସହ
ବୁଝାଇ ତାହାକୁ
ନେବା ଆଣି ସୁପଥରେ ।
କିଶୋରୀ ବୟସ
ଟିକିଟିକି ଭୁଲ
ସୁଧାରିବା ପାଇଁ ତାର,
ବଢ଼େଇବା ଆମେ
ସହଯୋଗ ହାତ
ପାଖେ ଥାଇ ନିରନ୍ତର ।
ସଂସାରର ସବୁ
ଚରିତ୍ର ମାନଙ୍କୁ
ଗୋଟି ଗୋଟି ଚିହ୍ନିବାକୁ,
ସମୟ ସୁଯୋଗ
ପର୍ଯ୍ୟାପ୍ତ ଭାବରେ
ଦେବା ସହୃଦୟେ ତାକୁ ।
ସଂସାର ଦାୟିତ୍ୱ
ନେବାକୁ ସକ୍ଷମ
ଯେବେଯାଏଁ ହୋଇନାହିଁ,
ପରଗୋତ୍ରୀ କରି
ତାକୁ ଅନ୍ୟ ଗୃହେ
କେବେ ନ ଦେବା ପଠେଇ ।

Digitized by PPRACHIN, SOA

ଭୃଣ ହତ୍ୟା ମହାପାପ

ମଣିଷ ମାରିଲେ
ଫାଶି ଦଣ୍ଡ ଯଦି
ଭୃଣ ହତ୍ୟା ଯିଏ କରେ,
ତାହା ପାଇଁ କେହ୍ନେ
ଦଣ୍ଡ ଲେଖା ନାହିଁ
ଦେଶ ଦଣ୍ଡ ସଂହିତାରେ ?
ଭୃଣ ହତ୍ୟା ଯଦି
ହତ୍ୟା ଲେଖା ନୁହେଁ
ଆମ ଦଣ୍ଡ ସଂହିତାରେ,
ଭୃଣ ବଛା ବଛି
ହୁଅଇ କାହିଁକି
ହତ୍ୟା କଲା ସମୟରେ ।
ବାଛି ବାଛି କିଆଁ
କନ୍ୟା ଭୃଣ ମାର
କଂସ ରାଜା ଶିଷ୍ୟ ବନି,
ଯେଉଁ କନ୍ୟା ସୃଷ୍ଟି
ବଢ଼ାଏ ଆଗକୁ
ପାଲଟି ନିଜେ ଜନନୀ ।
ଯା'ର ଟିକି ହସ
ମନ ଚହଲାଏ
ପ୍ରେମ ପ୍ରୀତି ଯିଏ ବାଣ୍ଟେ,
ତା' ବିନା ସୃଷ୍ଟି କି
ବଞ୍ଚିବ ଭାବୁଛ
ମାରୁଛ ତାହାକୁ ଆଣ୍ଟେ ।

Digitized by PPRACHIN, SOA

କନ୍ୟା ଭୃଣ ଅବା
ପୁତ୍ର ଭୃଣ ହେଉ
ପଇସା ପାଇଁ ଯେ ମାରେ,
କଂସର ଦାୟାଦ
ଅଟେ ପରା ସିଏ
ଜିଇ ଥାଉ ଥାଉ ମରେ ।
ଟାଣ କଥା ପଦେ
କହିଲେ ଦାଣ୍ଡରେ
କ୍ରୋଧେ ତୁମରି ପିଲାକୁ,
ଠେଙ୍ଗା ଧରି ତୁମେ
ବାହାର କିପରି
ମାତାଗର୍ଭୁ ମାର ତାକୁ ।
ଆସ ସର୍ବେ ମିଶି
ଏକ ମନ ହୋଇ
କରିବା ଆମେ ଶପଥ,
ନିଜପରେ ନିଜେ
କରୁଣା କରିବା
ହୋଇବା ନାହିଁ ବିପଥ ।
କନ୍ୟା ଭୃଣ ହତ୍ୟା
ଦୋଷେ ଦୋଷୀ ଆଉ
ହେବାନାହିଁ କଦାଚନ,
ଏ ବାର୍ତ୍ତା ପ୍ରଚାର
କରିଣ ସଂସାରେ
ପୁଣ୍ୟ କରିବା ଅର୍ଜନ ।

Digitized by PPRACHIN, SOA

ମହିଳା

ସଂସାରେ କହନ୍ତି
ଦୁଇଥର ସିନା
ଦ୍ୱିଜ ଜନମ ନିଅଇ,
ନାରୀ ଝିଅ ବୋହୂ
ମାତା ରୂପେ ତିନି
ବାର ଜନମ ଲଭଇ ।
ପ୍ରଶ୍ନ କଲେ ଜଣେ
ପ୍ରଶ୍ନ କର୍ତ୍ତା ଦିନେ
ଉତ୍ତର ଦେବକି ମାତେ !
କର୍ମଜିବୀନୀ କି
ଗୃହିଣୀ ମହିଳା
କହିବ କି ଟିକେ ମୋତେ ।
ଉତ୍ତରେ କହିଲେ
ସ୍ଥାୟୀ ନିଯୁକ୍ତିର
କର୍ମଜିବୀନୀ ଗୃହିଣୀ,
ଚବିଶି ଘଣ୍ଟିଆ
କାମ ମୋ ଦିନକୁ
ମୋ ଘରର ମୁଁ ସ୍ୱାମିନୀ ।
ଝିଅ, ବୋହୂ, ପତ୍ନୀ
ମାଆ, ଜେଜୀ, ଆଈ
ଶାଶୂ, ଶିକ୍ଷକ, ମାଉସୀ,
ଆଲରାମ ଘଣ୍ଟା
ରୋଷେୟା, ପର୍ଷୁଣୀ
ମୁଁହିଁ ବି ମାଇଁ, ପିଉସୀ ।

Digitized by PPRACHIN, SOA

ସୁରକ୍ଷାଧିକାରୀ
ଚାକରାଣୀ, ନର୍ସ
ସହାୟିକା ଓ ଭଉଣୀ,
ପରାମର୍ଶଦାତା
ସାନ୍ତ୍ୱନା ଦାୟିନୀ
ସୁଖ ପ୍ରଦାନ କାରିଣୀ ।
ଅସୁସ୍ଥ ହୋଇଲେ
କାର୍ଯ୍ୟୁ ଛୁଟି ନାହିଁ
ଜରୁରୀ ଛୁଟି ବି ନାହିଁ,
ଦିନରାତି କାମ
ବିରାମ ବିହୀନ
କାମକୁ ଦରମା କାହିଁ ।
ଦାନ୍ତଥିଲେ ସିନା
ଦାନ୍ତର ମହତ୍ତ୍ୱ
ଜାଣି ପାରନ୍ତିନି କେହି,
ଦାନ୍ତ ଝଡ଼ିଗଲେ
ଦାନ୍ତର ମହିମା
ଜାଣିଥାଏ ସାରା ମହୀ ।
ଧନ୍ୟ ଏ ମହିଳା
ଲୁଣ ପରି ମିଞ୍ଜି
ପରିବାର ମଧ୍ୟେ ଥାଏ,
ଉପସ୍ଥିତି ସିନା
ଜଣାପଡ଼େ ନାହିଁ
ଅଭାବରେ ଲୋଡ଼ା ହୁଏ ।

Digitized by PPRACHIN, SOA

ଟାରାଟିର ନାମ ଲକ୍ଷ୍ମୀ ପ୍ରିୟା

ସବୁ ପୁରୁଷର
ସଫଳତା ପଛେ
ଜଣେ ମହିଳାର ହାତ,
ରହିଥାଏ ବୋଲି
କହନ୍ତି ସମସ୍ତେ
ସବୁଆଡ଼େ ପ୍ରତିଭାତ ।
ଆଜି ମୁଁ ଦେଖୁଛି
ନାରୀଟେ ସଫଳ
ପୁରୁଷ ସାହାରା ପାଇ,
ସାରା ସଂସାରରେ
ଏମିତି ଘଟଣା
ଏ ଆଖି ମୋ ଦେଖି ନାଇଁ ।
ନାରୀ ସ୍ୱାଧିନତା
ସଶକ୍ତିକରଣ
ନାମେ ରଡ଼ି ଯେଉଁମାନେ,
ଛାଡୁଛ ଆସ ହେ
ନାରୀ ସ୍ୱାଧୀନତା
ଦେଖିବ ନୟନ କଣେ ।
ନାରୀକୁ ଅବଳା
ମଣି ମାଗୁଅଛ
ସଶକ୍ତିକରଣ ଭିକ,
ଦେଖିଯାଅ ଜଣେ
ସବଳା ନାରୀର
ଉଚ୍ଚ ହେବା ପାଇଁ ଭୋକ ।

Digitized by PPRACHIN, SOA

ଲକ୍ଷ୍ମୀ ପ୍ରିୟା ନାମ୍ନୀ
ଯେଉଁ କନ୍ୟା ଗୋଟି
ଆର୍ଥିକ ଦୁଃସ୍ଥିତି ପାଇଁ,
ଜୀତେନ୍ଦ୍ର ଘରକୁ
ଆସିଲା ଅତ୍ୟନ୍ତ
କଷ୍ଟେ ପରଗୋତ୍ରୀ ହୋଇ ।
ଦୁଃଖ ମନ ଦେଖି
ପଚାରି ଜାଣିଲା
ପଢ଼ିବାକୁ ତା'ର ମନ,
ମନକୁ ତାହାର
ଜୀତେନ୍ଦ୍ର ହୃଦୟେ
କଲା ବହୁ ସନମାନ ।
ପ୍ରେୟସୀ ସ୍ୱପ୍ନକୁ
ନିଜ ସ୍ୱପ୍ନ ମଣି
କରିବା ପାଇଁ ସାକାର,
ସମସ୍ତ ସୁବିଧା
ଯୋଗାଏ ପ୍ରଣୟୀ
ଦିନ ରାତି ଏକାକାର ।
ଭର୍ତ୍ତାର ବିଶ୍ୱାସ
ଜିଣି ଲକ୍ଷ୍ମୀ ପ୍ରିୟା
ଲକ୍ଷ୍ୟ ପଥରେ ତାହାର,
ସଫଳତା ପରେ
ସଫଳତା ସିଏ
ବଳେ କଲା ଅକ୍ତିଆର ।

Digitized by PPRACHIN, SOA

ସ୍ନାତକ ସ୍ନାତକୋ-
ତ୍ତର ଡିଗ୍ରୀମାନ
ହାସଲ କରିବା ପରେ,
ସଫଳ ହୋଇଲା
ନେଟ ଜେଆରେଫ
ଆଦି ପ୍ରତିଯୋଗିତାରେ ।
ଉଚ୍ଚ ଶିକ୍ଷା କ୍ଷେତ୍ରେ
ଅଇସିଟି, ପ୍ୟାରେ-
ଣ୍ଟାଲ ଭାଲ୍ୟୁ ଶିକ୍ଷା କ୍ଷେତ୍ରେ,
ମାସିଭ ଓପନ
ଅନ୍ଲାଇନ କୋର୍ସ
ପୁସ୍ତକ ପିଲାଙ୍କ ହିତେ ।
ପ୍ରକାଶେ ତାଙ୍କର
ପାଣ୍ଡିତ୍ୟ ସଂସାରେ
ପ୍ରକାଶିତ ରୂପ ପାଇ,
ଦୃଢ଼ ଇଚ୍ଛାଶକ୍ତି
ସମ୍ମୁଖରେ ବିଘ୍ନ
ଆଣ୍ଠୁମାଡ଼ି ପ୍ରଣମଇ ।
ପ୍ରଚଣ୍ଡ ପ୍ରତିଭା
ଅବିଶ୍ରାନ୍ତ ଚେଷ୍ଟା
ସମ୍ମୁଖେ ମୁଣ୍ଡ ନୁଆଁଇ,
ସ୍ୱାଗତ କରିଲା
ସଫଳତା ହସ୍ତେ
ସ୍ୱାଗତିକା ଥାଳ ନେଇ ।

Digitized by PPRACHIN, SOA

ଅର୍ଥ ବା ବିବାହ
ହେଲାନି ବାଧକ
ମାନିଲେ ସମସ୍ତେ ହାର,
ଖୋଲିଗଲା ଦୃଢ଼
ସଙ୍କଳ୍ପ କାରଣୁ
ତା'ର ଉନ୍ନତିର ଦ୍ୱାର ।
ଆମେରିକା ଦେଶ
ବିଶ୍ୱବିଦ୍ୟାଳୟେ
ଗବେଷକ ପ୍ରାଧ୍ୟାପକ,
ନିଯୁକ୍ତି ପାଇଲା
ସହସ୍ର ସଂଖ୍ୟାରେ
ଏବେ ଯା'ର ପ୍ରଶଂସକ ।
ଦୃଢ଼ ଇଚ୍ଛା ବଳେ
ନାରୀ ଏ ଶୟଳେ
ଅସମ୍ଭବକୁ ସମ୍ଭବ,
କରିପାରେ କେହ୍ନେ
ଲକ୍ଷ୍ମୀ ପ୍ରିୟା ସେହି
ତାରା ନାମ ଯା'ର ଧ୍ରୁବ ।

Digitized by PPRACHIN, SOA

କବି ତିଳକ ଡଃ ସୁରେଶ ଚନ୍ଦ୍ର ବରାଡ଼ ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଶରଣକୁଳ ନିକଟବର୍ତ୍ତୀ ହରିହରପୁର ଗ୍ରାମରେ ଏକ କୁଳୀନ ଖଣ୍ଡାୟତ ପରିବାରରେ ୧୯୬୮ ମସିହା ଜୁଲାଇ ୨ ତାରିଖରେ ପିତା ଗୋବିନ୍ଦ ବରାଡ଼ ଓ ମାତା ପଦ୍ମାଙ୍କର କୋଳ ମଣ୍ଡନ କରିଥି ଲେ। ୧୯୭୩ ମସିହାରେ କରଡ଼ା ହରିହରପୁର ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଧ୍ୟୟନ ଆରମ୍ଭ କରି ୧୯୭୮ ମସିହାରେ ନାରାୟଣ ଉଚ୍ଚ ବିଦ୍ୟାଳୟକୁ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ ନିମନ୍ତେ ଗମନ କରିଥିଲେ। ୧୯୮୦ ମସିହାରେ ସପ୍ତମ ଶ୍ରେଣୀ ବୃତ୍ତିପାଇ ସେହି ବିଦ୍ୟାଳୟରୁ ୧୯୮୩ ମସିହାରେ ପ୍ରଥମ ଶ୍ରେଣୀରେ ମେଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେହି ବର୍ଷ ନୟାଗଡ଼ କଲେଜରେ ଉଚ୍ଚ ମାଧ୍ୟମିକ ଶ୍ରେଣୀରେ ବିଜ୍ଞାନ ବିଷୟ ରଖି ନାମ ଲେଖାଇଥିଲେ। ପରେ ସେଇଠି ପଦାର୍ଥ ବିଜ୍ଞାନ ସମ୍ମାନ ସହ ୧୯୮୯ ମସିହାରେ ସ୍ନାତକ ଡ଼ିଗ୍ରୀ କୃତିତ୍ୱର ସହିତ ହାସଲ କରିଥି ଲେ। ୧୯୯୪ ମସିହାରେ ଭଞ୍ଜ ବିହାର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି ବିଷୟରେ ଓ ୨୦୨୦ରେ ଓଡ଼ିଶା ମୁକ୍ତ ବିଶ୍ୱ ବିଦ୍ୟାଳୟ, ସମ୍ବଲପୁରରୁ ଓଡ଼ିଆ ବିଷୟରେ ସ୍ନାତକୋତ୍ତର ଡ଼ିଗ୍ରୀ ହାସଲ କରିଛନ୍ତି। ବିଜ୍ଞାନର ଛାତ୍ର ହୋଇଥିଲେ ମଧ୍ୟ ସେ ପଞ୍ଚିରିଡ଼ା ମାନପୁର ଉଚ୍ଚ ବିଦ୍ୟାଳୟରେ ୧୯୯୦ ମସିହାରୁ ତାଲିମ ପ୍ରାପ୍ତ ହିନ୍ଦୀ ଶିକ୍ଷକ ରୂପେ କାର୍ଯ୍ୟରତ ଓ ହିନ୍ଦୀ ସହିତ ବିଜ୍ଞାନ ତଥା ଗଣିତ ଅଧ୍ୟାପନାରେ ନିଯୁକ୍ତ ଅଛନ୍ତି। ସମୟାନୁବର୍ତ୍ତିତା, ପରୋପକାରିତା, ସଚ୍ଚୋଟତା, ନିୟମାନୁବର୍ତ୍ତିତା ଓ ଛାତ୍ରବତ୍ସଳତା ପାଇଁ ସେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ ପରିଚିତ। ଜଣେ ସମାଜସେବୀ, ଲେଖକ, କବି ଓ ଗବେଷକ ରୂପରେ ସମାଜରେ ସେ ନିଜର ଏକ ସତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଗୁରୁକୁଳ ପ୍ରକାଶନ ତାଙ୍କର ନିଜସ୍ୱ ପ୍ରକାଶନ ସଂସ୍ଥା। ତାଙ୍କ ଦ୍ୱାରା ରଚିତ **ମହିମାମୟ ଲଡ଼ୁବାବା ପୁରୁଷୋତ୍ତମ ସ୍ତବ, ଲଡ଼ୁବାବା ବିଳାସ ଓ ସମ୍ପାଦିତ ଲଡ଼ୁବାବା ଭଜନ ମାଳା, ଖଲି ମହାଭାରତ** ପ୍ରକାଶିତ ହୋଇ ଭକ୍ତ ମହଲରେ ଉଚ୍ଚ ପ୍ରଶଂସିତ। ତାଙ୍କର ଅନ୍ୟ ରଚନା ଗୁଡ଼ିକ ହେଲା **କପିଳ ସଂହିତା(ନୀଳାଚଳ କ୍ଷେତ୍ର ମାହାତ୍ମ୍ୟ), ଲଡ଼ୁବାବା ସ୍ତୋତ୍ରମାଳା, ହନୁମାନ ଚରିତାମୃତ, କୁସୁମା କବିତା ଅଷ୍ଟୋତ୍ତରଶତ, ତୁମ ଇଚ୍ଛା ପୂର୍ଣ୍ଣ ହେଉ, ଲଡ଼ୁବାବା ସ୍ତୋତ୍ରମାଳା** ଓ ଶିଶୁ କବିତା ପୁସ୍ତକ "ବିପ୍ଳବ"।

GURUKUL PUBLISHING HOUSE

ISBN 978-93-94422-12-4

Digitized by PPRACHIN, SOA